# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**8 October– 2026**

## ଇଣ୍ଡିଆ ମୋବାଇଲ କଂଗ୍ରେସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଯଶୋଭୂମିଠାରେ ଇଣ୍ଡିଆ ମୋବାଇଲ କଂଗ୍ରେସର ଦଶମ ସଂସ୍କରଣକୁ ଉଦ୍‌ଘାଟନ କରିବେ। 'ସୀମାହୀନ ବିସ୍ତାର' ବାର୍ତ୍ତା ନେଇ ଚଳିତ ବର୍ଷ ଏହି ସମ୍ମିଳନୀର ଆୟୋଜନ କରାଯାଉଛି। କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ଦେଶର ଦୂରସଂଚାର କ୍ଷେତ୍ରର ପ୍ରତିନିଧିମାନେ ଅଂଶଗ୍ରହଣ କରିବେ।

## ଏସ୍‌ଇବିସି ଗଠନ

ରାଜ୍ୟ ସରକାର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବିଭିନ୍ନ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକରେ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗର ଲୋକଙ୍କ ସଂଖ୍ୟା, ସେମାନଙ୍କର ରାଜନୈତିକ ପ୍ରତିନିଧିତ୍ୱ ବାବଦରେ ଅନୁଧ୍ୟାନ କରିବା ପାଇଁ ଏକ କମିଶନ ଗଠନ କରିଛନ୍ତି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ପ୍ରମଥ ପଟ୍ଟନାୟକଙ୍କୁ ଆୟୋଗର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି ।

## ଛାତ୍ରସଂସଦ ନିର୍ବାଚନ

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଚଳିତବର୍ଷ ଛାତ୍ରସଂସଦ ନିର୍ବାଚନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏହିକ୍ରମରେ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକ ତରଫରୁ ଗତକାଲି ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନା ଅନୁସାରେ ୩୨୮ଟି ମହାବିଦ୍ୟାଳୟ ଓ ୧୩ଟି ବିଶ୍ୱବିଦ୍ୟାଳୟ ସର୍ବମୋଟ୍ ୩୪୧ଟି ଉଚ୍ଚଶିକ୍ଷାନୁଷ୍ଠାନରେ ନିର୍ବାଚନ ଅନୁଷ୍ଠିତ ହେବ । ସେହିପରି ୨୦୨ଟି ମହାବିଦ୍ୟାଳୟ ଓ ୩ଟି ବିଶ୍ୱବିଦ୍ୟାଳୟ, ସର୍ବମୋଟ୍ ୨୦୫ଟି ଉଚ୍ଚ ଶିକ୍ଷାନୁଷ୍ଠାନରେ ଚୟନ ପଦ୍ଧତିରେ ଛାତ୍ରନେତା ବାଛାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି । ନିର୍ବାଚନ ପାଇଁ ଆସନ୍ତାକାଲି ନାମାଙ୍କନପତ୍ର ଦାଖଲ ହେବ ଏବଂ ଚଳିତମାସ ୧୫ ତାରିଖରେ ନିର୍ବାଚନ ହେବ ।

## ଆଧାର

ଆଧାର ପରିଚୟପତ୍ରରେ ନାମ ସଂଶୋଧନ ପାଇଁ ନୂଆ ନିୟମ ଅନୁସାରେ ୪ଟି ପର୍ଯ୍ୟାୟରେ କରାଯିବ ବୋଲି ୟୁଆଇଡିଏଆଇ ପକ୍ଷରୁ କୁହାଯାଇଛି । ପ୍ରତି ପର୍ଯ୍ୟାୟ ପାଇଁ ଅଲଗା ଅଲଗା ପ୍ରମାଣପତ୍ରର ଆବଶ୍ୟକତା ରହିଛି । ସାଧାରଣ ବନାନ ସଂଶୋଧନ ଆଧାର ସେବା କେନ୍ଦ୍ରଗୁଡ଼ିକରେ କରାଯାଇପାରିବ । ଯଦି ନାମ ସମ୍ପୂର୍ଣ୍ଣ ବଦଳାଯିବା ନେଇ ଆଧାରରେ ଆବେଦନ କରୁଛନ୍ତି ତେବେ ସରକାରୀ ଗେଜେଟ୍ ନୋଟିଫିକେଶନ ସହ

ବୈଧ ପରିଚୟପତ୍ର ଦେବା ବାଧ୍ୟତାମୂଳକ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ପରାମର୍ଶଦାତା ବୈଠକ

କଟକ ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି ଓ ପରାମର୍ଶଦାତା ସମିତି ବୈଠକ ସାଂସଦ ଡକ୍ଟର ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଏବଂ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ବାର୍ଷିକ ଋଣ ଯୋଜନା ଓ ଏହାର ଲକ୍ଷ୍ୟ ହାସଲ ଉପରେ ବୈଠକରେ ଆଲୋଚନା ହୋଇଥିଲା ।

## ସଡ଼କ ସୁରକ୍ଷା ସଚେତନତା

ସେବା ସଂକଳ୍ପ ଅଭିଯାନ ୨୦୨୬ ଅବସରରେ ନୟାଗଡରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଓ ମାଗଣା ହେଲମେଟ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୟାଗଡ ଜିଲ୍ଲାପାଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେନତ କରାଇଥିଲେ ।

## ଚାଉଳ ଯୋଗାଣ

ନବରଙ୍ଗପୁର ଜିଲ୍ଲାର ବନ୍ୟା ପ୍ରଭାବିତ ୩୧ହଜାରରୁ ଊର୍ଦ୍ଧ୍ୱ କ୍ଷତିଗ୍ରସ୍ତଙ୍କୁ ୧୫ଦିନ ପର୍ଯ୍ୟନ୍ତ ରିଲିଫ ବାବଦରେ ଚାଉଳ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଯୋଗାଇ ଦିଆଯିବ । ନବରଙ୍ଗପୁର ପୌରପାଳିକା ସମେତ ନବରଙ୍ଗପୁର, କୋଷାଗୁମୁଡା ଓ ନନ୍ଦାହାଣ୍ଡି ବ୍ଲକର ପ୍ରଭାବିତମାନଙ୍କୁ ମୋଟ୍ ୪ହଜାର ୩୪୮ କ୍ୱିଣ୍ଟାଲ ଚାଉଳ ଦିଆଯିବ ବୋଲି ଜଣାପଡିଛି ।

## ବୈଠକ

ଗଞ୍ଜାମ ଜିଲ୍ଲାରେ ଶିଳ୍ପାୟନକୁ ଅଧିକ ଗତିଶୀଳ କରିବା ଓ ନୂତନ ନିବେଶକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଏକକ ଓ୍ୱିଣ୍ଡୋ କ୍ଲିୟରାନ୍ସ କର୍ତ୍ତୃପକ୍ଷ ବୈଠକ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୩ଟି ପ୍ରସ୍ତାବିତ ଶିଳ୍ପ ପ୍ରକଳ୍ପର ବିଭିନ୍ନ ଦିଗ ଓ ମାନଦଣ୍ଡ ଉପରେ ଆଲୋଚନା କରାଯାଇ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ ସହ ଆବଶ୍ୟକ ଜମି ଆବେଦନ ପ୍ରକ୍ରିୟାକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା ।

## ଏସ୍‌ଆଇଆର୍-ନାମ ସାମିଲ

ଏସ୍‌ଆଇଆର୍ ପରେ ଭୋଟର ତାଲିକାରେ ନାମ ସାମିଲ ପାଇଁ ଗଞ୍ଜାମ ଜିଲ୍ଲାରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ଏହା ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ । ସଂଶୋଧନ ପ୍ରକ୍ରିୟାରେ ବିଭିନ୍ନ କାରଣରୁ ଭୋଟର

ତାଲିକାରୁ ବାଦ୍ ପଡିଥିବା ଯୋଗ୍ୟ ନାଗରିକଙ୍କୁ ପୁନଃ ତାଲିକାରେ ସାମିଲ କରିବା ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ ।

# ବାୟୁସେନା ଦିବସ

ଭାରତୀୟ ସେନାର ଜାଗ୍ରତ ପ୍ରହରୀଭାବେ ଆକାଶମାର୍ଗରୁ ଦେଶର ସାର୍ବଭୌମତ୍ୱକୁ ସୁରକ୍ଷା ଦେବା ପାଇଁ ବାୟୁସେନା କାର୍ଯ୍ୟ କରୁଛି । ୧୯୩୨ ମସିହା ଆଜିର ଦିନରେ ଭାରତୀୟ ବାୟୁସେନା ପ୍ରତିଷ୍ଠା କରାଯାଇଥିଲା । ଆକାଶମାର୍ଗକୁ ସୁରକ୍ଷାଦେବା, ମାନବିକ ସହାୟତା ତଥା ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ବାୟୁସେନାର ବରିଷ୍ଠ ଯୋଗଦାନ ଏବଂ ପ୍ରଶଂସନୀୟ କାର୍ଯ୍ୟକୁ ସ୍ମୃତିରେ ରଖିବା ପାଇଁ ଆଜିର ଦିନକୁ ଭାରତୀୟ ବାୟୁସେନା ଦିବସଭାବେ ପାଳନ କରାଯାଉଛି । ଚଳିତବର୍ଷ ସରକାରୀ ଭାବେ ବାୟୁସେନା ଦିବସର ବାର୍ତ୍ତା ହେଉଛି 'ଭାରତୀୟ ବାୟୁସେନା- ଅପରାଜେୟ, ଅଭେଦ୍ୟ ଏବଂ ସଠିକ୍' । ଦେଶ ସ୍ୱାଧୀନତା ପରଠାରୁ ଭାରତୀୟ ବାୟୁସେନା ଚାରୋଟି ଯୁଦ୍ଧରେ ସାମିଲ ହୋଇଛି । ଭାରତୀୟ ସେନାକୁ ଅକ୍ଷୂର୍ଣ୍ଣ ରଖିବା ପାଇଁ ବାୟୁସେନାର ଉଦ୍ୟମ ପ୍ରଶଂସନୀୟ । ଆମେରିକା, ଚୀନ ଓ ରୁଷିଆ ପରେ ବିଶ୍ୱର ଚତୁର୍ଥ ସର୍ବବୃହତ ଶକ୍ତି ହେଉଛି, ଭାରତୀୟ ବାୟୁସେନା ।

# ପାଣିପାଗ

ଆମେରିକୀୟ ପାଣିପାଗ ସଂସ୍ଥା - ଏନ୍‌ଓଏଏ ର ଆକଳନ ଅନୁସାରେ ଚଳିତମାସ ୧୪ ତାରିଖରୁ ୨୦ ତାରିଖ ମଧ୍ୟରେ ବଙ୍ଗୋପସାଗର କିମ୍ବା ଆରବ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ଆଣ୍ଡାମାନ ସାଗରରେ ଆସନ୍ତା ସପ୍ତାହରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ବୋଲି କେତେକ ଘରୋଇ ପାଣିପାଗ ସଂସ୍ଥା ଆକଳନ କରିଛନ୍ତି । ହେଲେ ଓଡ଼ିଶାରେ ଏହାର ପ୍ରଭାବକୁ ନେଇ କୌଣସି ଆକଳନ କରାଯାଇ ନାହିଁ ।